ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧ ଅଗଷ୍ଟ, ୨୦୨୧

## ସୁଧ ଅସୁଲ ପାଇଁ ଅପହରଣ: ଜଣେ କୋର୍ଟ ଚାଲାଣ

**ପାରାଦୀପ,(ସ୍ୱ.ପ୍ର.):** ପାରାଦୀପ ଆଦର୍ଶଥାନା ଅଧୀନ ଅଠରବାଙ୍କି ରେଲ୍‌ୱେ କଲୋନୀରୁ ଶୁକ୍ରବାର ରାତିରେ ଜଣଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ସେ ହେଲେ ସହଦେବ ସାହୁ। ଏହି ଘଟଣାରେ ମାମଲା ଏକ (ନଂ.୧୫୩/୨୧) ରୁଜୁ ହୋଇଥିଲା। ଶନିବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଲକ୍‌ଥାନା ଚୂନବେଲାରି ଗ୍ରାମର ପ୍ରତାପ ସ୍ୱାଇଁ (୩୬)। ଥାନାଧିକାରୀ ରଜନୀକାନ୍ତ ମିଶ୍ରଙ୍କ ସୂଚନା ଅନୁସାରେ, ପ୍ରତାପଙ୍କଠାରୁ ସହଦେବ ୫ ଲକ୍ଷ ଟଙ୍କା ସୁଧରେ ନେଇଥିଲେ। ମାତ୍ର ସହଦେବ ଅର୍ଥ ନ ଦେବାରୁ ଆଦାୟ ପାଇଁ ଅପହରଣ କରାଯାଇଥିଲା ବୋଲି ଅଭିଯୁକ୍ତ ସ୍ୱୀକାର କରିଛନ୍ତି।



## ସଂକ୍ଷେପରେ

### ବାଲ୍‌କୋନିରୁ ଖସି ଜଣେ ମୃତ

**ପାରାଦୀପ,୩୧।୭(ସ୍ୱ.ପ୍ର.):** ପାରାଦୀପ ଆଦର୍ଶଥାନା ଅଧୀନ ଇଫ୍‌କୋ ଟାଉନଶିପ୍ ପରିସର ଇ-୩୭୦ କ୍ୱାର୍ଟର ବାଲକୋନିରୁ ଖସି ଶନିବାର ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝାଡ଼ଖଣ୍ଡ ଗରୱା ଜିଲା କାଣ୍ଡି ଥାନା ଅଧୀନ ପଟିଆଲା ଗ୍ରାମର ଅନିଲ ପାଣ୍ଡେ (୫୭)। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ନଂ.୧୯/୨୧ରୁଜୁ କରିଛି।

### ନାବାଳିକା ଅପହରଣ ମାମଲାରେ ଯୁବକ ଗିରଫ

**ରାଜନଗର,୩୧।୭(ଡି.ଏନ.ଏ.):** ନାବାଳିକା ଅପହରଣ ଘଟଣାରେ ତାଲଚୁଆ ସାମୁଦ୍ରିକ ଥାନା ପୋଲିସ ଜଣେ ସ୍କର୍ପିଓ ଡ୍ରାଇଭରଙ୍କୁ ଶନିବାର ଗିରଫ କରିଛି। ୨୦୧୮ରେ ବାଘମାରି ଗାଁର ସୂର୍ଜେନ୍ଦୁ ଜେନା ଚଳାଉଥିବା ସ୍କର୍ପିଓ ଗାଡିରେ ଜଣେ ନାବାଳିକାଙ୍କୁ ଅପହରଣ କରି ନିଆଯାଇଥିଲା। ଭେକ୍ଟା ଗାଁର ୩ ଯୁବକଙ୍କ ସହ ମିଶି ସୂର୍ଜେନ୍ଦୁ ନାବାଳିକାଙ୍କୁ ଅପହରଣ କରିଥିଲେ। ଏନେଇ ଥାନାରେ ୨୦୧୮ ଅଗଷ୍ଟ ୨୯ରେ ମାମଲା ରୁଜୁ ହୋଇଥିଲା। ପୂର୍ବରୁ ସାଣ୍ଟୁ ଗିରିଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଶନିବାର ସୂର୍ଜେନ୍ଦୁ ଘରେ ଥିବା ବେଳେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୂର୍ବରୁ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା।

### ଏଟିଏମ୍‌ରୁ ଚୋରି ମାମଲା: ୩ କୋର୍ଟ ଚାଲାଣ

**ଜଗତ୍‌ସିଂହପୁର ଅଫିସ୍,୩୧।୭:** ଜଗତ୍‌ସିଂହପୁର ଆଲିପିଙ୍ଗଳରେ ଥିବା ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରୁ ଗତ ୨୮ ତାରିଖରେ ଚୋରି ଉଦ୍ୟମ ହୋଇଥିଲା। ଏ ସମ୍ପର୍କରେ ଜଗତ୍‌ସିଂହପୁର ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ପରିଚାଳକ ବିଦ୍ୟାଧର ସାହୁଙ୍କ ଅଭିଯୋଗକ୍ରମେ, ଜଗତ୍‌ସିଂହପୁର ଥାନାରେ ମାମଲା (ନଂ.୩୭୬/୨୧) ରୁଜୁ ହୋଇଥିଲା। ଏହି ମାମଲାରେ ପୋଲିସ ୩ ଜଣଙ୍କୁ ଶନିବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଆଲିପିଙ୍ଗଳର ପ୍ରକାଶ ଭୋଇ (୨୫), ଲିଙ୍ଗରାଜ ସାହୁ (୨୪) ଓ ସୌମ୍ୟରଞ୍ଜନ ଭୋଇ (୨୪)। ଗଞ୍ଜେଇ ଟାଣି ଅଭିଯୁକ୍ତମାନେ ଏଭଳି କାଣ୍ଡ ଘଟାଇଥିବା ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

### ସାହିତ୍ୟିକାଙ୍କ ପରଲୋକ

**ଧର୍ମଶାଳା,୩୧।୭(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅଧୀନ କାଏମା ଗ୍ରାମର ଧର୍ମପରାୟଣା ମହିଳା ସାବିତ୍ରୀ ଦେବୀ (୯୬)ଙ୍କ ଶନିବାର ସନ୍ଧ୍ୟାରେ ପରଲୋକ ଘଟିଛି। ଜଣେ ସୁଗୃହିଣୀ, ସହୃଦୟା, ସେବାପରାୟଣା, ପରୋପକାରୀ ମହିଳା ଭାବେ ସେ ଅଞ୍ଚଳରେ ସୁପରିଚିତ ଥିଲେ। ତାଙ୍କ ଦ୍ୱାରା ରଚିତ ଏକ ପୁସ୍ତକ 'ଭକ୍ତି ପୁଷ୍ପାଞ୍ଜଳି' ପ୍ରକାଶ ପାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ ଧର୍ମଶାଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା



ଗବେଷକ ଡ. ନୃସିଂହ ଚରଣ ସାହୁ, ମଦନ ମୋହନ ସାହୁ, ସୁରେନ୍ଦ୍ର ସାହୁ, ଧୀରେନ୍ଦ୍ର ସାହୁ, ସତ୍ୟବ୍ରତ ସାହୁ, ପ୍ରିୟବ୍ରତ ସାହୁଙ୍କ ସମେତ ବୋହୂ, ନାତି ନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ପୂର୍ବତନ ଏମ୍‌ପି ରୀତା ତରାଇ, ଧର୍ମଶାଳା ବ୍ଲକ ପୂର୍ବତନ ଅଧକ୍ଷ କିଶାନ ପଣ୍ଡା, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଶିକ୍ଷାବିତ୍ ପଦ୍ମନାଭ ସାହୁ, ଧର୍ମଶାଳା ପ୍ରେସ୍ କ୍ଲବ ସଭାପତି ଇନ୍ଦ୍ରମଣି ନାୟକ, ସମ୍ଭବ ସମ୍ପାଦକ ଅଖିଳ ସ୍ୱାଇଁ, ଆଜିର ଆହ୍ୱାନ ସମ୍ପାଦକ ମାନସ ରଞ୍ଜନ ଜେନା ଓ ଖବରଦାତା ଅବିନେଶ୍ୱର ଶତପଥୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ପୂର୍ବତନ ପୋର୍ଟ ପିଆର୍‌ଓଙ୍କ ମୃତ୍ୟୁ

**ପାରାଦୀପ,୩୧।୭(ସ୍ୱ.ପ୍ର.):** ପାରାଦୀପ ପୋର୍ଟର ପୂର୍ବତନ ଜନସମ୍ପର୍କ ଅଧିକାରୀ (ପିଆର୍‌ଓ) ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ଶନିବାର ମୃତ୍ୟୁ ଘଟିଛି। ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁରେ ବନ୍ଦର ଅଧକ୍ଷ ଭିନିତ୍ କୁମାର, ଉପାଧ୍ୟକ୍ଷ ଏ.କେ ବୋଷ, ବରିଷ୍ଠ ଅଧିକାରୀ ବିଶ୍ୱଜିତ୍ ମିଶ୍ର, ନିରୋଜ ପଟ୍ଟନାୟକ, ରତିକାନ୍ତ ନାୟକ ଓ ପୂର୍ବତନ ଅଧକ୍ଷ ରିଙ୍କେଶ ରାୟ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ପାରାଦୀପ ପ୍ରେସ୍ ମିଡିଆ ଓ ଅନ୍ୟ କେତେକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ମିଶ୍ର ୧୯୮୧ରେ ପାରାଦୀପ ବନ୍ଦରରେ ଚାକିରି କରିଥିଲେ। ୨୦୦୫ରୁ ସେ ପିଆରଓ ଭାବେ କାର୍ଯ୍ୟ କରି ଜୁନ୍ ୩୦ରେ ଅବସର ଗ୍ରହଣ କରିଥିଲେ।

# କାଗଜପତ୍ରରେ ସୀମିତ କାର୍ଯ୍ୟକାରିତା

**ଜଳଶକ୍ତି ଅଭିଯାନକୁ ଦୁଇ ବର୍ଷ ପୂରିଲା**

- କେନ୍ଦ୍ରର ଆର୍ଥିକ ସହଯୋଗ ନାହିଁ- ଧ୍ରୁବ ସାହୁ
- ସମସ୍ୟାକୁ ବୁଝିନାହିଁ ବିଜେଡି- ଭୁବନମୋହନ
- ରାଜନୀତିରେ ସୀମିତ ଜିଲାର ବିକାଶ- ଗଣେଶ୍ୱର



ଭୁବନ ମୋହନ ଜେନା



ଗଣେଶ୍ୱର ବେହେରା



ଧ୍ରୁବ ଚରଣ ସାହୁ



ଗଣେଶ ଚନ୍ଦ୍ର ସାମଲ

**କେନ୍ଦ୍ରାପଡ଼ା ଅଫିସ, ୩୧।୭**

କେନ୍ଦ୍ରାପଡା ଜିଲା ପାନୀୟ ଜଳ ସଙ୍କଟ ଓ ଜଳ ସଂରକ୍ଷଣ ସମସ୍ୟା ମଧ୍ୟ ଦେଇ ଗତି କରୁଛି। ଜିଲାର ୯ ବ୍ଲକ ମଧ୍ୟରୁ ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡା, ମାର୍ଶାଘାଇ ବ୍ଲକରେ ଏହା ଉତ୍କଟ ହୋଇଛି। ଗରଦପୁର ବ୍ଲକ ଅଞ୍ଚଳରେ ମଧ୍ୟ ଏହି ସମସ୍ୟା ଦେଖାଦେଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏ ନେଇ ରିପୋର୍ଟ ପରେ ଦେଶର ୨୫୫ଟି ଜିଲା ମଧ୍ୟରୁ ଓଡ଼ିଶାର ଏକମାତ୍ର କେନ୍ଦ୍ରାପଡା ଜିଲାରେ ୨୦୧୯ ଜୁଲାଇ ୩୦ରେ କେନ୍ଦ୍ର ସରକାର ମିଶନ ଆରମ୍ଭ ହୋଇଛି। ଏହି ମିଶନ ଆରମ୍ଭକୁ ଇତିମଧ୍ୟରେ ଦୁଇ ବର୍ଷ ପୂରିଛି। ଜଳ ସଂରକ୍ଷଣକୁ ଜନ ଆନ୍ଦୋଳନରେ ପରିଣତ କରିବା ବଦଳରେ ଏହା କାଗଜପତ୍ରରେ ସୀମିତ ରହିଥିବା କୁହାଯାଉଛି। ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ୨୦୧୧ରୁ ୨୦୧୪ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଭୂତଳ ଜଳ ବୋର୍ଡର ରିପୋର୍ଟ ଓ କେନ୍ଦ୍ର ସରକାରଙ୍କ ପାନୀୟ ଜଳ ବିଭାଗ ସର୍ଭେ ଅନୁଯାୟୀ ଆସନ୍ତା ୨୦୩୦ ସୁଦ୍ଧା ଜିଲାର ପ୍ରତ୍ୟେକ ଅଞ୍ଚଳରେ ପାନୀୟ ଜଳ ସଙ୍କଟ ଦେଖାଦେବ। ଏଥିପାଇଁ ଭୂତଳ ଜଳର ବୃଦ୍ଧି ପାଇଁ ରିଚାର୍ଯ୍ୟ ଆବଶ୍ୟକ। ଘରୋଇ ଭାବେ ଜଳ ସଂରକ୍ଷଣ ଓ ବର୍ଷା ଜଳ ସଂରକ୍ଷଣକୁ ଏହି ମିଶନ ଗୁରୁତ୍ୱ ଦେଇଛି। ସେହିପରି ପାରମ୍ପରିକ ଜଳ ଉତ୍ସର ପୁନରୁଦ୍ଧାର, ଜଳ ଛାୟା ବିକାଶ, ବ୍ୟାପକ ବନୀକରଣ ଦ୍ୱାରା ଭୂତଳ ଜଳସ୍ତର ବୃଦ୍ଧି ହୋଇପାରିବ। ଏହାକୁ କାର୍ଯ୍ୟକାରୀ ପାଇଁ ଜଳଶକ୍ତି ଅଭିଯାନ ଜିଲାରେ ଆରମ୍ଭ ହୋଇଛି। ତେବେ ଏହା କେବଳ କାଗଜପତ୍ରରେ ସୀମିତ ରହିଛି। ପ୍ରାଥମିକ ଭାବେ କିଛି ଗଛ ଲଗାଇ ଏହି ଅଭିଯାନକୁ ଆରମ୍ଭ କରାଯାଇଥିଲା। ସେହିପରି ସବୁଜ ମହାନଦୀ ମିଶନ ଜିଲାରେ ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ଅପରପକ୍ଷରେ ଜିଲାରେ ଜଳସଙ୍କଟକୁ ନେଇ ସତର୍କ ହେବାକୁ ସୂଚନା ଦିଆଯାଇଥିଲେ ମଧ୍ୟ ଖରସ୍ରୋତା ନଦୀରୁ ମଧୁର ପାଣି ନିକଟସ୍ଥ ଭଦ୍ରକ ଜିଲାକୁ ଦେବାକୁ ମସୁଧା ଚାଲିଛି। ସୀମିତ ସଂଖ୍ୟକ ଟ୍ୟୁବୱେଲରେ ସକ୍‌ପିଟ ଲଗାଯାଇଛି। ବର୍ଷା ଜଳ ସଂରକ୍ଷଣ କରି ଭୂପୃଷ୍ଠକୁ ଛାଡିବାକୁ ହୋଇଥିବା ଯୋଜନା ବିଫଳ ହୋଇଛି। ଏହି ଅଭିଯାନକୁ ସଫଳ ପାଇଁ ସ୍ଥାନୀୟ ରାଜନେତା ଓ ପ୍ରଶାସକଙ୍କ ଆନ୍ତରିକତା ନ ଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ କହିଛନ୍ତି, କୌଣସି ଯୋଜନାର ସୁଫଳ ପାଇଁ ଅର୍ଥର ଆବଶ୍ୟକତା ଅଛି। କେନ୍ଦ୍ରାପଡ଼ା ଜିଲାର ଜଳସଙ୍କଟକୁ ନେଇ କେନ୍ଦ୍ର ସରକାର ଜଳଶକ୍ତି ମିଶନ ଆରମ୍ଭ କରିଥିଲେ ମଧ୍ୟ ଏ ନେଇ ଅର୍ଥର ବ୍ୟବସ୍ଥା କରିନାହାନ୍ତି। ତେବେ ଏହି ସଙ୍କଟରୁ ବର୍ତ୍ତିବା ପାଇଁ ଷ୍ଟେଟ ଫାଇନାନ୍ସ କମିଶନର ଅର୍ଥରୁ କେତେଗୋଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଜଳ ଶକ୍ତି ଅଭିଯାନ କାର୍ଯ୍ୟକାରୀ ନ ହେଲେ ପାନୀୟ ଜଳ ସଙ୍କଟ ଆଶଙ୍କାକୁ ଟାଳି ହେବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ଅଭିଯାନ ଜିଲାବାସୀଙ୍କ ପାଇଁ ବରଦାନ ସଦୃଶ। ତେବେ ଅଭିଯାନ ଆରମ୍ଭରୁ ରାଜ୍ୟ ସରକାର ଏହାକୁ ନିଜ ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରିଦେଲେ। ଭାଷଣବାଜିରେ ସୀମିତ ବିଜେଡି ନେତା ବାସ୍ତବରେ ଜଳ ସଙ୍କଟ ସମସ୍ୟାକୁ ବୁଝିନାହାନ୍ତି। କୌଣସି ଭଲକାମକୁ ବିଫଳ କରିବା ଜିଲା ରାଜନୀତିରେ ନୂଆ ନୁହେଁ ବୋଲି ଭାଜପା ନେତା ଭୁବନମୋହନ ଜେନା ମତ ଦେଇଛନ୍ତି। ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର ବେହେରା କହିଛନ୍ତି, ଜିଲାର ବିକାଶକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ଅଣଦେଖା କରି ଚାଲିଛନ୍ତି। ସେ ମେଡିକାଲ କଲେଜ, କୃଷି ବିଶ୍ୱବିଦ୍ୟାଳୟ ହେଉ ଅଥବା ଜଳଶକ୍ତି ଅଭିଯାନର କାର୍ଯ୍ୟକାରିତା ଜିଲାବାସୀଙ୍କ ପାଇଁ ଏବେ ବି ପ୍ରଶ୍ନବାଚୀ ହୋଇଛି। ଏପରି କି ଜଳ ଶକ୍ତି ଅଭିଯାନର କାର୍ଯ୍ୟକାରିତା ପାଇଁ ଜଣେ ଅତିରିକ୍ତ ସଚିବଙ୍କୁ ତଦାରଖ କରିବାକୁ ନିଯୁକ୍ତି ଦେଇଥିଲେ ମଧ୍ୟ ପାନୀୟ ଜଳ ସଙ୍କଟର ମୁକାବିଲା ନିମନ୍ତେ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

## ଆକ୍ରମଣ ଘଟଣାରେ ୩ କୋର୍ଟ ଚାଲାଣ

**ଧର୍ମଶାଳା,୩୧।୭(ଡି.ଏନ.ଏ.)**

ଧର୍ମଶାଳା ଥାନା ଭୁବନ ପଞ୍ଚାୟତ ବଳଭଦ୍ର ପ୍ରସାଦପାଟଣା ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହୋଇଥିବା ଆକ୍ରମଣ ଘଟଣାରେ ପୋଲିସ ଉଭୟ ପକ୍ଷରୁ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗ୍ରାମର ପୂର୍ଣ୍ଣଚନ୍ଦ୍ର ପରିଡ଼ା (୩୨), ରାଜେଶ ପରିଡ଼ା (୨୫) ଓ କୁଳମଣି ପରିଡ଼ା (୩୫)। ଅଭିଯୋଗ ମୁତାବକ, ୨୯ତାରିଖ ସନ୍ଧ୍ୟାରେ ଗ୍ରାମର ମାମିନା ପରିଡ଼ାଙ୍କ ମା'ଙ୍କୁ ଗାଁର କେତେଜଣ ଲୋକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ମାମିନା ଓ ତାଙ୍କ ସ୍ୱାମୀ ଅନିରୁଦ୍ଧ ଏହାର ପ୍ରତିବାଦ କରିଥିଲେ। ଫଳରେ ଗାଳିଗୁଲଜ କରୁଥିବା ବ୍ୟକ୍ତି ମାମିନାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ମାମିନା ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟପଟେ ଗାଁର ପୂର୍ଣ୍ଣଚନ୍ଦ୍ର ପରିଡ଼ାଙ୍କ ଅଭିଯୋଗ ଅନୁସାରେ, ତାଙ୍କ ହରଡ଼ କିଆରିରେ ମାମିନାଙ୍କ ଘରର ଛେଳି ପଶି ନଷ୍ଟ କରୁଥିଲେ। ତେଣୁ ସେ ମାମିନାଙ୍କ ପରିବାର ଲୋକଙ୍କୁ କହିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ମାମିନାଙ୍କ ପରିବାର ଲୋକେ ତାଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୩୯୮/୨୧, ୩୯୯/୨୧ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ଭୋକ ଉପାସରେ ପଶ୍ଚିମବଙ୍ଗର ୩ ଶ୍ରମିକ

**ରାଜନଗର, ୩୧।୭(ଡି.ଏନ.ଏ.)**

ରାଜନଗରରେ କାମ କରୁଥିବା ପଶ୍ଚିମବଙ୍ଗର ୩ ଶ୍ରମିକ ଭୋକ ଉପାସରେ ରହିଛନ୍ତି। ସେମାନଙ୍କୁ କାମରେ ଲଗାଇଥିବା ଠିକାଦାର ମଜୁରି କି ଧରାଛୁଆଁ ଦେଉନାହାନ୍ତି। ସେମାନଙ୍କ ପାଖରେ ଟଙ୍କା ନ ଥିବାରୁ ଖାଇବାକୁ ନ ପାଇ ଦିନ କାଟୁଛନ୍ତି। ୫ଦିନ ଧରି ଉପବାସରେ ରହିବା ପରେ ମହାବିଦ୍ୟାଳୟର ଅଧକ୍ଷ ୧୦ଦିନ ହେଲା ଉକ୍ତ ଶ୍ରମିକଙ୍କୁ ଖାଇବାକୁ ଦେଉଛନ୍ତି। ଏପରି କି ଘରକୁ ଯିବାକୁ ଶ୍ରମିକଙ୍କ ନିକଟରେ ଟଙ୍କା ନାହିଁ। ଶନିବାର ୩ ଶ୍ରମିକ ରାଜନଗର ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି।

ପଶ୍ଚିମବଙ୍ଗର ମୁର୍ଷିଦାବାଦ ଜିଲା ଲାଲଗୁଲା ଥାନା ଡିଆରଫତେପୁର ଗାଁର ନାଜିମୁଦ୍ଦିନ ସର୍କାର, ହାପିଜୁଡ ରହମାନ ଓ ଟଣିକ ରାଜନ ଓଁ ଶାନ୍ତି ଆଶ୍ରମ, ରାଜନଗରସ୍ଥିତ ଶ୍ରୀଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଗୃହ ନିର୍ମାଣ କାର୍ଯ୍ୟରେ ରାଜମିସ୍ତ୍ରୀଭାବେ କାମ କରୁଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳର ଠିକାଦାର ଏହି ରାଜମିସ୍ତ୍ରୀଙ୍କୁ ଆଣି କାମରେ ଲଗାଇଛନ୍ତି। ଦୈନିକ ୭ଶହ ଟଙ୍କା ମଜୁରି ସହ ରହିବା





ପଶ୍ଚିମବଙ୍ଗର ୩ ଶ୍ରମିକ।

**ମଜୁରି ଦେଉନାହାନ୍ତି ଠିକାଦାର**

ଓ ଖାଇବା ଦେବା ନିମନ୍ତେ ଠିକାଦାର ଚୁକ୍ତି କରିଥିଲେ। ୧୫ଦିନ ତଳୁ କାମ ବନ୍ଦ ହେଲାଣି। କାମ ବନ୍ଦ ହେବା ଯାଏ ଠିକାଦାରଙ୍କ ଉପରେ ୩୮ ହଜାର ଓ ୧୫ଦିନର ମଜୁରି ବାବଦକୁ ୩୧ ହଜାର ୫ ଶହ ଟଙ୍କା ବକେୟା ରହିଛି। ଠିକାଦାର ଦେଖାଇଥିବା ହୋଟେଲରେ ସେମାନେ ଖାଉଥିଲେ। ୧୫ଦିନ ହେଲା ହୋଟେଲ ମାଲିକ ଖାଇବାକୁ ଦେଉନାହାନ୍ତି। ୫ଦିନ ଧରି ଉପବାସ ରହିବା ପରେ ଶ୍ରୀଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଅଧକ୍ଷ ଅତୁଳ ବଳ ସେମାନଙ୍କୁ ଖାଇବାକୁ ଦେଉଛନ୍ତି। ମହାବିଦ୍ୟାଳୟ ପରିସରରେ ନିର୍ମାଣାଧୀନ ଗୃହ କାମ ଏହି ଶ୍ରମିକ କରୁଛନ୍ତି। ସେମାନେ ମହାବିଦ୍ୟାଳୟ ପରିସରରେ ରହୁଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି ଗୃହ କାମ କରାଯାଉଛି। ଠିକାଦାର ଫୋନ ରିସିଭ କରୁ ନ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଏପରି କି ନାଜିମୁଦ୍ଦିନ ସର୍କାରଙ୍କ ମା'ଙ୍କ ଦେହ ଖରାପ ଥିଲେ ମଧ ଟଙ୍କା ନ ଥିବାରୁ ସେମାନେ ଗାଁକୁ ଯାଇ ପାରୁନାହାନ୍ତି। ଶେଷରେ ଉପାୟ ନ ପାଇ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି।

## ଚାନ୍ଦୋଳ ବଜାରରୁ ହଟିବ ଜବରଦଖଲ

**ଡେରାବିଶ, ୩୧।୭ (ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ସବୁଠାରୁ ବଡ ଚାନ୍ଦୋଳ ବଜାରର ଉନ୍ନତୀକରଣ ପାଇଁ ପ୍ରଶାସନଅଣ୍ଟା ଭିଡିଛି। ବସ୍‌ଯାତ୍ରୀଙ୍କ ଆଶ୍ରୟସ୍ଥଳ ଓ ଜନସାଧାରଣଙ୍କ ପାଇଁ ଶୌଚାଳୟ ନିର୍ମାଣ ନିମନ୍ତେ ବଜାରରେ ଜାଗା ଚିହ୍ନଟ ପ୍ରକ୍ରିୟା ଶନିବାର ଆରମ୍ଭ ହୋଇଛି। ବଜାର କମିଟିର ନିବେଦନକ୍ରମେ ଜବରଦଖଲରେ ଥିବା ସରକାରୀ ଜାଗାକୁ ଚିହ୍ନଟ କରାଯିବା ସହ ନାଲି ପତାକା ତହସିଲଦାର ସମ୍ବିତ୍ ଶତପଥୀ ଲଗାଇଛନ୍ତି। ଜବରଦଖଲକାରୀଙ୍କୁ ୧୫ ଦିନ ଭିତରେ ଜବରଦଖଲ ହଟାଇବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଖୁବ୍‌ଶୀଘ୍ର ବଜାରକୁ ଏକ ନୂଆ ରୂପ ଦେବାକୁ କମିଟିର ବ୍ଲୁପ୍ରିଣ୍ଟରେ ପ୍ରଶାସନ ମୋହର ପରେ ଏହା ହେଉଛି ପ୍ରଥମ ପଦକ୍ଷେପ। ଏହି ପ୍ରକ୍ରିୟାରେ ସଦର ଥାନା ପୋଲିସ, ଆଡିସ୍‌ନାଲ ତହସିଲଦାର, ଅମିନ ଓ ଆରଆଇ ଉପସ୍ଥିତ ରହି ଜାଗା ନିରୂପଣ କରିଥିଲେ। ଆଗକୁ ହାଟ ଓ ବଜାର ଭିଡ ନିୟନ୍ତ୍ରଣ, ପାନୀୟ ଜଳ ସୁବିଧା, ଆଲୋକୀକରଣ ଉପରେ କମିଟି ଗୁରୁତ୍ୱ ଦେବ ବୋଲି କହିଛନ୍ତି, ଚାନ୍ଦୋଳ ବଜାର କମିଟିର ସଭାପତି ଶିବାଶିଷ ମହାନ୍ତି। କମିଟିର ସମ୍ପାଦକ ପ୍ରଶାନ୍ତ ସାହୁ, ଉପସଭାପତି ଲଳିତ ନାୟକ ଓ ଦେବାଶିଷ ବେହେରା ବିଭିନ୍ନ ସମସ୍ୟାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଶାସନର ମିଳିତ ସହଯୋଗରେ ବଜାରକୁ ଉନ୍ନତିର ପଥେ ଆଗେଇ ନେବାକୁ ଲକ୍ଷ୍ୟ ରଖିଛନ୍ତି।

## ୮୯ ହସ୍ତଶିଳ୍ପ କାରିଗରଙ୍କୁ ପରିଚୟପତ୍ର ପ୍ରଦାନ

**ରସୁଲପୁର,୩୧।୭(ଡି.ଏନ.ଏ.)**

ଯାଜପୁର ଜିଲା ହସ୍ତଶିଳ୍ପ କାରିଗର ସଂଘ ପକ୍ଷରୁ ଏକ ପରିଚୟପତ୍ର ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ରସୁଲପୁର ବ୍ଲକ ଅଧୀନ ସାମନ୍ତରାପୁର ପଞ୍ଚାୟତର ଗୋପୀନାଥଜୀଉ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରସୁଲପୁର ଓ ଧର୍ମଶାଳା ବ୍ଲକ ଅଧୀନ ଲକ୍ଷ୍ମୀନଗର, କବାଟବନ୍ଧ, ଅଣ୍ଟିଆ, ଅତଲାପୁର, କୁଲୁଗାଁ, ସାମନ୍ତରାପୁର ଆଦି ଗ୍ରାମର ଟେରାକୋଟା, କଂଶାପିତ୍ତଳ ଓ କାଠକାମ ଆଦିରେ ନିୟୋଜିତ ୮୯ଜଣ କାରିଗରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ, ସମ୍ମାନିତ ଅତିଥି ଜିଲା ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକ ପ୍ରଭାତ ମିଶ୍ର, ହସ୍ତଶିଳ୍ପ ବିକାଶ ଅଧିକାରୀ ପ୍ରକାଶ ଚନ୍ଦ୍ର ମହାନ୍ତି, ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀ ମହେଶ୍ୱର ଓଝା, ଓଡ଼ିଶା ବୁଣାକାର ମହାସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀଧର ବେହେରା, ପୂର୍ବତନ ସମିତିସଭ୍ୟ ବଟକୃଷ୍ଣ ସାହୁ, ବୁଣାକାର ନେତା ବିଶ୍ୱନାଥ ଦାସ ପ୍ରମୁଖ ଯୋଗଦେଇ କାରିଗରଙ୍କୁ ପରିଚୟପତ୍ର ପ୍ରଦାନ କରିବା ସହ କାରିଗରଙ୍କ ହିତ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ନାନା ସରକାରୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବହୁ କାରିଗର ପରିବାର ପଞ୍ଜୀକରଣ ହୋଇଛନ୍ତି। ପର୍ଯ୍ୟାୟକ୍ରମେ ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସାମାଜିକ କର୍ମୀ ସୁଶାନ୍ତ ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିଳ୍ପୀ ସୁରେଶ କୁମାର ଗୁଇଁ, ରଙ୍ଗାଧର ସାହୁ, ଶ୍ରୀଧର ସାହୁ, ଭରତ ରଣା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାରିଗର ସାଧୁଚରଣ ସାହୁ ଧନ୍ୟବାଦ ଦେଇଥିଲେ।



ଅତିଥି ଜଣେ କାରିଗରଙ୍କୁ ପରିଚୟପତ୍ର ପ୍ରଦାନ କରୁଛନ୍ତି।

# ଅଗ୍ନିଶମ ଅଧିକାରୀଙ୍କୁ ନିଶା ଦେଇ ଲୁଟ୍

**ଜଗତ୍‌ସିଂହପୁର ଅଫିସ୍, ୩୧।୭**

ବାଲିକୁଦା ଥାନା ଅଗ୍ନିଶମ କେନ୍ଦ୍ର ଓଆଇସି ପର୍ଶୁରାମ ବାରିକଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ତାଙ୍କଠାରୁ ଟଙ୍କା ଓ ଜରୁରୀ କାଗଜପତ୍ର ଲୁଟି ନିଆଯାଇଥିବା ଅଭିଯୋଗ ହୋଇଛି। ପର୍ଶୁରାମଙ୍କ ପୁଅ ତଥା ତିର୍ତ୍ତୋଲ ଥାନା ତୁଳଙ୍ଗ ଗ୍ରାମର ଶୁଭ୍ରାଂଶୁ ଶେଖର ବାରିକ ଶନିବାର ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ମାମଲା (ନଂ.୩୭୮/୨୧) ରୁଜୁ ହୋଇଛି।

ପର୍ଶୁରାମ ୨୮ ତାରିଖରେ ଭୁବନେଶ୍ୱରରୁ ବାଲିକୁଦା ଫେରୁଥିଲେ।

**ଲିଫ୍ଟ ମାଗିବା ମହଙ୍ଗା ପଡ଼ିଲା**

କନ୍ଦରପୁର ପର୍ଯ୍ୟନ୍ତ ପହଞ୍ଚିବା ପରେ ଜଣେ ଅଜଣା ବ୍ୟକ୍ତିଙ୍କୁ ଲିଫ୍ଟ ମାଗି ତାଙ୍କ ସ୍କୁଟିରେ ଯାଇଥିଲେ। ରାସ୍ତାରେ ସ୍କୁଟି ଚାଳକ ତାଙ୍କୁ ଥଣ୍ଡା ପାନୀୟ ଦେଇଥିଲେ। ଏହା ପିଇ ସାରିଲା ପରେ ପର୍ଶୁରାମ ଅଚେତ୍ ହୋଇ ଯାଇଥିଲେ। ପରେ ପର୍ଶୁରାମଙ୍କ ପାଖରେ ଥିବା ବ୍ୟାଗରୁ ଅଭିଯୁକ୍ତ ୮,୦୦୦ ଟଙ୍କା, ୟୁନିଫର୍ମ, ବେଲ୍ଟ, କ୍ୟାପ୍, ବ୍ୟାଙ୍କ ପାସ୍‌ବୁକ୍, ଏଟିଏମ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପ୍ୟାନ କାର୍ଡ, ଚେକ୍ ବୁକ୍ ଆଦି ନେଇ ଯାଇଥିଲେ। ପରେ ପର୍ଶୁରାମଙ୍କୁ ଜୟଶୋଳ ନିକଟ ରାସ୍ତା ପାର୍ଶ୍ୱରେ ଫିଙ୍ଗି ଚାଲି ଯାଇଥିଲେ। ସ୍ଥାନୀୟ କେତେଜଣ ଲୋକ ପର୍ଶୁରାମଙ୍କୁ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହୋସ ଆସିଲା ପରେ ପର୍ଶୁରାମ ଅଭିଯୁକ୍ତଙ୍କ ସ୍କୁଟି ସମ୍ପର୍କରେ ସୂଚନା ଦେଇଛନ୍ତି। ଏକ ନାଲି ରଙ୍ଗର ଗାଡ଼ି ଓ ନମ୍ବର ଓଡି ୦୨ଏଏଚ୍ ୪୯୭୭ ବୋଲି ପଶୁରାମ କହିଛନ୍ତି। ଅଭିଯୁକ୍ତଙ୍କ ରଙ୍ଗ କଳା ଓ ବୟସ ପ୍ରାୟ ୩୫ ବର୍ଷ ହେବ। ସେ ନାଲି ରଙ୍ଗର ସାର୍ଟ ପିନ୍ଧିଥିବା ପର୍ଶୁରାମ ସୂଚନା ଦେଇଛନ୍ତି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ୪୦ ଫୁଟ୍ ଓସାର ରାସ୍ତା ନିର୍ମାଣ କରିବାକୁ ନିଷ୍ପତ୍ତି

**କୁଜଙ୍ଗ, ୩୧।୭(ଡି.ଏନ୍.ଏ.)**

**ଜୁଡିସିଆଲ କମ୍ପ୍ଲେକ୍ସକୁ ରାଜପଥ ସହ ସଂଯୋଗ ପାଇଁ ପଦକ୍ଷେପ**

କୁଜଙ୍ଗ ଏକ୍ସପ୍ରେସ୍ କଲୋନିଠାରେ ନିର୍ମାଣାଧୀନ ଜୁଡିସିଆଲ କମ୍ପ୍ଲେକ୍ସରୁ ସ୍ୱତନ୍ତ୍ର ଓ ସଳଖ ରାସ୍ତା କଟକ- ପାରାଦୀପ ରାଜପଥ ପର୍ଯ୍ୟନ୍ତ ନିର୍ମାଣ ପାଇଁ ଶନିବାର ଜିଲାପାଳ କ୍ଷେତ୍ର ପରିଦର୍ଶନ କରିଛନ୍ତି। ସ୍ଥାନୀୟ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ମୁଖ୍ୟ ଜିଲା କୃଷି ଅଧିକାରୀ ରାଜକିଶୋର ଦାସ, ଯୁଗ୍ମ କୃଷି ନିର୍ଦ୍ଦେଶକ ବ୍ରଜ କିଶୋର ଲେଙ୍କା, ବ୍ଲକ କୃଷି ଅଧିକାରୀ ମିହିର କୁମାର ସାହୁ, ସହକାରୀ କୃଷି ଅଧିକାରୀ ପ୍ରଦୋଷ କୁମାର ବେହେରା ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ। ଏହି ଅବସରରେ ଶିକ୍ଷକ ଭବନ ଓ କୃଷି ବିଭାଗର ଜାଗାକୁ ନେଇ ୪୦ ଫୁଟ୍ ଓସାରର ରାସ୍ତା ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ସୂଚନାଯୋଗ୍ୟ, ଏହି ଜୁଡିସିଆଲ କମ୍ପ୍ଲେକ୍ସକୁ ମୁଖ୍ୟ ରାସ୍ତା ସହ ଯୋଡିବା ପାଇଁ କୌଣସି ସୁବିଧା ନ ଥିଲା। ଏନେଇ କୁଜଙ୍ଗ ଓକିଲ ସଂଘ ପକ୍ଷରୁ ସଭାପତି ଅମୃତ ଦାସ, ବରିଷ୍ଠ ଆଇନ୍‌ଜୀବୀ ସୁଶାନ୍ତ ପଟ୍ଟନାୟକ ଓ ପୂର୍ବତନ ସଭାପତି ଏନ୍‌ଡି ଯାଦବ ପ୍ରମୁଖ ଜିଲାପାଳଙ୍କୁ ଅନୁରୋଧ କରିଥିଲେ।

# ୭ ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**ନାଉଗାଁ,୨୯।୭(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ବାଂଶ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଦଳିତ ମହିଳା ଜବ୍‌କାର୍ଡଧାରୀ ୧୨ ଦିନ ଧାରଣାରେ ବସିଛନ୍ତି। ସେମାନଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିଥିଲେ। ଏନେଇ ଆଇନଜୀବୀ ହଳଧର ସେଟୀ ଜାତୀୟ ଅନୁସୂଚିତ ଜାତି କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। କମିଶନ ଉକ୍ତ ମାମଲାର ଶୁଣାଣି କରି ୭ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଜଗତ୍‌ସିଂହପୁର ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ୩୦ ଜୁଲାଇରେ ନୋଟିସ ପଠାଇଛନ୍ତି। ଆକ୍ରମଣ ଘଟଣାରେ କ'ଣ ପଦକ୍ଷେପ ନିଆଯାଇଛି ତାର ରିପୋର୍ଟ ଦେବାକୁ ନୋଟିସ୍‌ରେ ଉଲ୍ଲେଖ ରହିଛି।

**ଦୁର୍ନୀତି ଅଭିଯୋଗରେ ଧାରଣାବେଳେ ମହିଳାଙ୍କୁ ଆକ୍ରମଣ ଘଟଣା**

ଅପରପକ୍ଷେ ଧାରଣାକାରୀଙ୍କୁ ଆକ୍ରମଣ ଘଟଣାରେ ରିନା କାଣ୍ଡି ନାଉଗାଁ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ୪ ଜଣଙ୍କ ନାମରେ ମାମଲା (ନଂ. ୬୧/୨୧) ରୁଜୁ କରାଯାଇ ୨ଜଣଙ୍କୁ ଗିରଫ କରାଯାଇଛି। ଘଟଣାରେ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଶୁକ୍ରବାର ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଭାଜପା ରାଜ୍ୟ ମୋର୍ଚ୍ଚା ସଦସ୍ୟମାନେ ଆନ୍ଦୋଳନକାରୀଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ମହିଳାଙ୍କ ଉପରେ ହୋଇଥିବା ଆକ୍ରମଣକୁ ସେମାନେ ନିନ୍ଦା କରିଛନ୍ତି।

# ସମ୍ପାଦକଙ୍କୁ ଘେରିଲେ ଚାଷୀ

**ଚଣ୍ଡିଖୋଲ,୩୧।୭(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅରଖପୁର ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଚାଷୀଙ୍କୁ ସାର ମିଳୁ ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଶନିବାର ଚାଷୀ ଉକ୍ତ ସମିତି କାର୍ଯ୍ୟାଳୟରେ ପହଞ୍ଚି ସମ୍ପାଦକଙ୍କୁ ଘେରାଉ କରିଥିଲେ। ଏଠାକୁ ଆସିଥିବା ସାର ଚାଷୀଙ୍କୁ ଦିଆ ନ ଯାଇ କଳାବଜାରରେ ବ୍ୟବସାୟୀଙ୍କୁ ବିକ୍ରି କରାଯାଉଥିବା ଚାଷୀ ମୁକ୍ତିରାଜ ସ୍ୱାଇଁ, ରତ୍ନାକର ବଳ, ସୁବ୍ରତ ପରିଡ଼ା ଓ ଅଶୋକ ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି।

ସେମାନଙ୍କ କହିବା ଅନୁସାରେ, ସରକାରଙ୍କ ତରଫରୁ ସବ୍‌ସିଡିରେ ଚାଷୀଙ୍କୁ ପ୍ରାଥମିକ କୃଷି ସେବା ସମବାୟ ସମିତି ଜରିଆରେ ସାର ଯୋଗାଣ କରାଯାଉଛି। ହେଲେ ଅରଖପୁର ସମିତି ସମ୍ପାଦକ ଚାଷୀଙ୍କୁ ସାର ନ ଦେଇ କଳାବଜାରରେ

**ଅରଖପୁର ସେବା ସମବାୟ ସମିତିରେ ମିଳୁନି ସାର**



ସମବାୟ ସମିତିରେ ଚାଷୀ ସମ୍ପାଦକଙ୍କୁ ଘେରାଇ କରି ହୋହଲ୍ଲା କରୁଛନ୍ତି।

ବିକ୍ରି କରୁଛନ୍ତି। କେତେଜଣ ଚାଷୀଙ୍କୁ ଶୁକ୍ରବାର ସାର ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ହେଲେ ସମିତି ସମ୍ପାଦକ ସାର ନ ଦେଇ ଫେରାଇ ଦେଇଥିଲେ। କିନ୍ତୁ ସେହିଦିନ ରାତିରେ ପିକ୍‌ଅପ୍‌ରେ ସାର ବୋଝେଇ କରି ବାହାରକୁ ଚାଲାଣ କରାଯାଇଥିଲା। ସେଥିପାଇଁ ସେମାନେ ସମିତି କାର୍ଯ୍ୟାଳୟ ସମ୍ମୁଖରେ ପାଟିତୁଣ୍ଡ କରିବା ସହ ସମ୍ପାଦକଙ୍କୁ ଘେରିଥିଲେ। ପରେ ଚାଷୀଙ୍କୁ ବସ୍ତାଏ ଲେଖା ସାର ଦିଆଯାଇଥିଲା। ତୁରନ୍ତ ତଦନ୍ତ କରାଯାଇ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀ ଦାବି କରିଛନ୍ତି। ଏ ନେଇ ସମ୍ପାଦକ ଜ୍ଞାନରଞ୍ଜନ ରାଉତରାୟଙ୍କୁ ଯୋଗାଯୋଗ କରା ଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

## ଦଳିତ ନେତାଙ୍କୁ ଆକ୍ରମଣ ଅଭିଯୋଗ

**ବରୀ,୩୧।୭(ଡି.ଏନ.ଏ.)**

ବରୀ ବ୍ଲକ୍ ଅଧୀନ ଅମଠପୁର ପଞ୍ଚାୟତ ବିଜେଡିର ଦଳିତନେତା କୁଳମଣି ମଲ୍ଲିକଙ୍କୁ ଆକ୍ରମଣ କରଯାଇଛି। ସେ ଶୁକ୍ରବାର ବ୍ଲକ ଅଫିସକୁ ଆସିଥିଲେ। ଏହି ସମୟରେ ତାଙ୍କୁ ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ଭବାନୀପୁରର ସୁଧାଂଶୁ ଶତପଥୀ, ରାମଚନ୍ଦ୍ରପୁରର ସୋମନାଥ ଜେନା ଓ ବେଞ୍ଚାରାପୁରର ନାଲା ଜେନାଙ୍କ ସମେତ ୭ ଜଣ ଆକ୍ରମଣ କରିଥିବା ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ନଂ.୧୬୭/୨୧ ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଅଜୟ କୁମାର ଜେନା ସୂଚନା ଦେଇଛନ୍ତି। ସେ ଦର୍ଶାଇଛନ୍ତି, ବ୍ଲକ୍ କାର୍ଯ୍ୟାଳୟରେ ଥିବା ସମୟରେ ଅଭିଯୁକ୍ତ ତାଙ୍କୁ ଗାଳି ଗୁଲଜ କରିଥିଲେ। ସେ ବିରୋଧ କରିବାରୁ ତାଙ୍କୁ ମାଡ଼ ମାରିଥିଲେ। ଏପରି କି ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ।

# ଅସ୍ତ୍ରୋପଚାର ପାଇଁ ଲାଞ୍ଚ ମାଗିଲେ ଡାକ୍ତର

ନୟାଗଡ଼ ଅଫିସ, ୩୧।୭


ଭାସି ନାୟକ ଚିକିତ୍ସାଧୀନ ବେଳେ ଶଯ୍ୟାରେ।

**ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ**

- ସିଡିଏମ୍ଓଙ୍କ ହସ୍ତକ୍ଷେପ ପରେ ହୋଇଥିଲା ଆଡମିଶନ
- ଅପମାନ ଦେଇ ଡିସ୍ଚାର୍ଜ କରି ପ୍ରତିଶୋଧ ନେଲେ ଡାକ୍ତର
- ଗର୍ଭାଶୟ ଅପସାରଣ ପାଇଁ ଭର୍ତ୍ତି ହୋଇଥିଲେ ବୃଦ୍ଧା
- ଜିଲାପାଳଙ୍କୁ ଫେରାଦ ହୋଇ ମାଗିଲେ ନ୍ୟାୟ

ବିନା ଲାଞ୍ଚରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ତ୍ରୋପଚାର ହେଉ ନ ଥିବା ଅଭିଯୋଗ ହୋଇଆସୁଛି। ଗର୍ଭାଶୟ ଅପସାରଣ ପାଇଁ ଭର୍ତ୍ତି ହୋଇଥିବା ଜଣେ ବୃଦ୍ଧାଙ୍କୁ ଅପମାନିତ କରି ରାଗରେ ଡାକ୍ତର ଡିସ୍ଚାର୍ଜ କରିଦେବା ଘଟଣା ଲାଞ୍ଚ ନେବାର ଅଭିଯୋଗକୁ ପ୍ରମାଣିତ କରୁଛି ବୋଲି ଅଭିଯୋଗ ଉଠିଛି। ଅସ୍ତ୍ରୋପଚାର ପାଇଁ ୧୬ ହଜାର ଟଙ୍କା ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ଲାଞ୍ଚ ମାଗିଥିଲେ। ଟଙ୍କା ନ ଦେବାରୁ ଅସ୍ତ୍ରୋପଚାର ହୋଇପାରିବ ନାହିଁ ବୋଲି ମନା କରି ଫେରାଇ ଦେଇଥିଲେ। ତେବେ ସିଡିଏମ୍ଓଙ୍କ ହସ୍ତକ୍ଷେପରେ ବୃଦ୍ଧାଙ୍କ ଆଡିମଶନ ହୋଇଥିଲା। କିନ୍ତୁ ଅନ୍ୟ ଜଣେ ସହଯୋଗୀ ଡାକ୍ତରଙ୍କ ଦ୍ୱାରା ଡିସ୍ଚାର୍ଜ କରିଦେବା କେଉଁ ପ୍ରକାରର ନ୍ୟାୟ ବୋଲି ବୃଦ୍ଧା ଜିଲାପାଳଙ୍କୁ ଫେରାଦ ହୋଇ ନ୍ୟାୟ ମାଗିଛନ୍ତି।

ଅଭିଯୋଗ ଅନୁସାରେ, ଗୋଡିପଡା ଜାଗ୍ରୀ ଖଇରପଟି ଗାଁର କାଳୁ ନାୟକଙ୍କ ସ୍ତ୍ରୀ ଭାସି(୫୫)ଙ୍କର ଗର୍ଭାଶୟରେ ଯନ୍ତ୍ରଣା ହେଉଥିଲା। ଭାସିଙ୍କ ପୁଅ ମା'ଙ୍କୁ ନେଇ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କୁ ଦେଖାଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ବିଭିନ୍ନ ପରୀକ୍ଷା କରାଇଥିଲେ। ଗତ ୨୯ ତାରିଖରେ ଡାକ୍ତର କିଛି ଔଷଧ ଲେଖି ଦେଇଥିଲେ। ବାହାର ଔଷଧ ଦୋକାନରୁ ଔଷଧ କିଣି ପୁଅ ମା'ଙ୍କୁ ଖୁଆଇ ଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁସାରେ, ତରଳ ଖାଦ୍ୟ ଦେଇ ୩୦ତାରିଖରେ ଗର୍ଭାଶୟ ଅପସାରଣ ପାଇଁ ଅସ୍ତ୍ରୋପଚାର ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ସେଠାରେ ଚିକିତ୍ସା କରୁଥିବା ଡାକ୍ତର ନ ଥିଲେ। ଅନ୍ୟ ଜଣେ ଡାକ୍ତର ଭାସିଙ୍କୁ ଦେଖି ଅସ୍ତ୍ରୋପଚାର ଚିକିତ୍ସାଳୟରେ ହୋଇପାରିବ ନାହିଁ ବୋଲି କହିଥିଲେ। ଏପରିକି ପରାମର୍ଶ ଦେଇଥିଲେ ଯେଉଁ ଡାକ୍ତରଙ୍କୁ ରୋଗ ଦେଖାଉଥିଲ ସେ କେବଳ ଅସ୍ତ୍ରୋପଚାର କରି ପାରିବେ। ଏ ପରିପ୍ରେକ୍ଷୀରେ ଭାସିଙ୍କ ପୁଅ ବାଧ ହୋଇ ଠିକଣା ପଚାରି ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ଘରୋଇ କ୍ଲିନିକକୁ ଯାଇଥିଲେ। ସେଠାରେ ଯାଇ ମା' ବିଷୟ କହିବାରୁ ଡାକ୍ତର ତାଙ୍କୁ ଅସ୍ତ୍ରୋପଚାର ପାଇଁ ୧୬ ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ କିଛି ସହଯୋଗ କରିପାରିବି ନାହିଁ ବୋଲି କହି ଫେରାଇ ଦେଇଥିଲେ। ଗର୍ଭାଶୟରେ ଯନ୍ତ୍ରଣା ବଢ଼ିବାରୁ ପୁଅ ମା'ଙ୍କ ସମ୍ପର୍କରେ ସିଡିଏମ୍ଓଙ୍କୁ ମୌଖିକ ଅଭିଯୋଗ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ମାଗଣା ଅସ୍ତ୍ରୋପଚାର କରାଯିବ ବୋଲି ସିଡିଏମ୍ଓ କହିଥିଲେ। ସିଡିଏମ୍ଓଙ୍କ ପରାମର୍ଶ ଅନୁସାରେ ପୁଅ ମା'ଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ୩୦ ତାରିଖ ଅପରାହ୍ନ ୧ଟାରେ ଆଡମିଶନ କରାଇଥିଲେ। ଶନିବାର ପୂର୍ବାହ୍ନରେ ଜଣେ ଡାକ୍ତର ଆସି ଭାସିଙ୍କୁ ଗାଳିଗୁଲଜ କରିଥିଲେ। ଏଠାରେ ଗର୍ଭାଶୟ ଅସ୍ତ୍ରୋପଚାର ହୋଇପାରିବ ନାହିଁ କହି ଡିସ୍ଚାର୍ଜ କରି ଦେଇଥିଲେ। ଏପରିକି ନର୍ସଙ୍କୁ ପଠାଇ ବେଡ୍ଶିଟ୍ ନେଇ ଯିବାକୁ କହିଥିଲେ। ଭାସିଙ୍କ କୌଣସି କଥାକୁ ଡାକ୍ତର ଶୁଣି ନ ଥିଲେ। ଶେଷରେ କୌଣସି ଉପାୟ ନ ପାଇ ମା' ଓ ପୁଅ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଫେରିଥିଲେ। ତେବେ ବେସରକାରୀ ହସ୍ପିଟାଲରେ ଅସ୍ତ୍ରୋପଚାର ପାଇଁ ପାଖରେ ପଇସା ନ ଥିବାରୁ ଭାସି କଷ୍ଟରେ ଛଟପଟ ହେଉଛନ୍ତି। ଭାସି ଶନିବାର ସନ୍ଧ୍ୟାରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରି ନ୍ୟାୟ ପାଇବାକୁ ନିବେଦନ କରିଛନ୍ତି। ଏ ନେଇ ଭାସି କୁହନ୍ତି, ଜଣେ ଡାକ୍ତର ଲାଞ୍ଚ ମାଗିଲେ। ଅନ୍ୟ ଜଣେ ଡାକ୍ତରଙ୍କ ସହଯୋଗରେ ଲାଞ୍ଚ ମାଗିଥିବା ଡାକ୍ତର ଜିଲା ମୁଖ୍ୟ ଚିକିତ୍ସାଳୟରୁ ଅପମାନିତ କରି ଡିସ୍ଚାର୍ଜ କରି ଦେଇଛନ୍ତି। ତେବେ ସିଡିଏମ୍ଓ କହିଛନ୍ତି, ଆସନ୍ତା ସୋମବାର ମାଗଣାରେ ଅସ୍ତ୍ରୋପଚାର କରାଯିବ। ଏ ସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍ଓ) ଶକ୍ତି ପ୍ରସାଦ ମିଶ୍ର କୁହନ୍ତି, ଜଣେ ବୃଦ୍ଧାଙ୍କର ଗର୍ଭାଶୟ ଅପସାରଣ ପାଇଁ ଅସ୍ତ୍ରୋପଚାର ସମ୍ପର୍କରେ ଡାକ୍ତର ଲାଞ୍ଚ ମାଗିବା ନେଇ ଲିଖିତ ଅଭିଯୋଗ ପାଇନି। ତେବେ ମୌଖିକ ଅଭିଯୋଗ ଆସିଛି। ଅନ୍ୟପକ୍ଷେ ସମ୍ପୃକ୍ତ ବୃଦ୍ଧାଙ୍କୁ ମାଗଣାରେ ଅସ୍ତ୍ରୋପଚାର କରାଯିବ ବୋଲି କୁହାଯାଇଛି। ଅଭିଯୋଗ ଆସିଲେ ଘଟଣା ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଗୋଡ଼ିପାଟଣା ପଡ଼ାକୁ ରାଜସ୍ୱ ଗ୍ରାମ ଘୋଷଣା ଦାବି

ଓଡ଼ଗାଁ, ୩୧।୭ (ସ୍ୱ.ପ୍ର.)

ନୟାଗଡ ଜିଲା ଓଡ଼ଗାଁ ବ୍ଲକ ସାକେରୀ ପଞ୍ଚାୟତର ଗୋଡିପାଟଣା ଭଳି ପଡାକୁ ରାଜସ୍ୱ ଗ୍ରାମ ଘୋଷଣା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ପଡାଟି ମୂଳ ଗ୍ରାମ ସାକେରୀ ସହ ପରିଗଣିତ ହେଉଛି। ସାକେରୀଠାରୁ ଏହାର ଦୂରତା ୨ କିମି ଅଟେ। ଗୋଡିପାଟଣା ପଡାର ଘର ସଂଖ୍ୟା ୧୨୦ ଏବଂ ଜନସଂଖ୍ୟା ୬୯୦। ପଡା ଗାଁ ହେତୁ ଏହି ଗ୍ରାମବାସୀ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବହୁ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ତଥା ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ରହୁଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଏହି ପଡାକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ଆବଶ୍ୟକ ହେଉଥିବା ନାଳ, ତୋଟା, ରାସ୍ତା ଆଦି ସୀମା ସରହଦ ନିର୍ଦ୍ଧାରଣ ସୁବିଧା ଅଛି। ଏଥି ନିମନ୍ତେ ପଡାର ଅଧିବାସୀଙ୍କ ପକ୍ଷରୁ ରାଜସ୍ୱ ପରିଷଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ଏଯାବତ୍ କୌଣସି ସୁଫଳ ମିଳିନାହିଁ। ଫଳରେ ପଡାର ଅଧିବାସୀ ଏ ନେଇ ଜିଲାପାଳ ଓ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଥିବା ପ୍ରଫୁଲ୍ଲ ମାଝି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ବିଜୟିତା ସାମନ୍ତସିଂହାରଙ୍କ ମତାମତ ନେବାରେ ସେ ପଡା ଅଧିବାସୀଙ୍କ ଅଭିଯୋଗ ଅନୁସାରେ ତର୍ଜମା କରିବା ସହ ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ଓଡ଼ଗାଁ ଏନ୍ଏସିରେ ମୋ ଖତର ଶୁଭାରମ୍ଭ : କେ.ଜି. ୨୦ଟଙ୍କା



ଓଡ଼ଗାଁ, ୩୧।୭ (ସ୍ୱ.ପ୍ର.): ଓଡ଼ଗାଁ ଏନ୍ଏସି ପକ୍ଷରୁ ମଳ ଅମଳ ପ୍ରକଳ୍ପ ଜରିଆରେ ମୋ ଖତର ଶୁଭାରମ୍ଭ ହୋଇଛି। କେଜି ପ୍ରତି ୨୦ ଟଙ୍କାରେ ଏହାକୁ ବିକ୍ରି କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଏନ୍ଏସି ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ସ୍ଥାନୀୟ ବନବିଭାଗ ୫୦୦୦ ଟଙ୍କା ବିନିମୟରେ ୨୫୦ କେଜି ମୋ ଖତ କିଣିଥିବା ଜଣାଯାଇଛି। ମୋ ଖତ ବିକ୍ରି ଶୁଭାରମ୍ଭ ସମୟରେ ନିର୍ବାହୀ ଅଧିକାରୀଙ୍କ ସହ ପରିମଳ ନିରୀକ୍ଷକ, ଏସ୍ଏଚଜି ଗ୍ରୁପ ସଦସ୍ୟଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଅବସର

ନୟାଗଡ଼ ଅଫିସ,୩୧।୭: ନୟାଗଡ଼ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୋଦ କୁମାର ନାୟକ ଶନିବାର ଅବସର ଗ୍ରହଣ କରିଛନ୍ତି। ଅବସର ପରେ ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ନାୟକ ୨୦୧୩ରୁ ନୟାଗଡ଼ ଜିଲାରେ କାର୍ଯ୍ୟ କରି ଆସୁଥିଲେ। ଏ ନେଇ ଅବସରକାଳୀନ ସଭାରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ସେ ଏକାଧାରରେ ଜଣେ କବି ଓ ସୁସାହିତ୍ୟିକ ଥିଲେ। ତାଙ୍କ ଜୀବନ କାଳ ମଧ୍ୟରେ ଅନେକ ସାହିତ୍ୟ କୃତୀ ରଚନା କରିଥିଲେ।

### ଗଛରେ ପିଟିହେଲା କାର୍, ୨ ଗୁରୁତର

ନୂଆଗାଁ,୩୧।୭ (ଡି.ଏନ.ଏ.): ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ନୂଆଗାଁ ଥାନା ତ୍ରିନାଥ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ଏକ କାର୍ ଗଛରେ ଶନିବାର ପିଟି ହୋଇଯିବାରୁ ୨ ଜଣ ଗୁରୁତର ହୋଇଛନ୍ତି। ଦଶପଲ୍ଲା ପଟୁ କାର୍ (ନଂ. ଓଡି୦୨ଏନ୍ ୭୪୮୦) ନୟାଗଡ଼ ଅଭିମୁଖେ ଯାଉଥିବା ବେଳେ ନୂଆଗାଁ ଥାନା ତ୍ରିନାଥ ମନ୍ଦିର ନିକଟରେ ଥିବା ଏକ ଗଛରେ ପିଟି ହୋଇଥିଲା। କାର୍‌ରେ ଥିବା ଡ୍ରାଇଭର ପ୍ରମୋଦ କୁମାର ପ୍ରଧାନ ଓ ଅନ୍ୟ ଜଣେ ବ୍ୟକ୍ତି ସୁରେଶ କୁମାର ସାଥୁଆ ଗୁରୁତର ଆହତ ହୋଇଥିଲେ। ଖବରପାଇ ନୂଆଗାଁ ଅଗ୍ନିଶମ କର୍ମଚାରୀମାନେ ଆହତଙ୍କୁ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଘଟଣା ସ୍ଥଳରେ ନୂଆଗାଁ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ନୂତନ କର୍ମକର୍ତ୍ତା ନିର୍ବାଚନ

ନୟାଗଡ଼ ଅଫିସ,୩୧।୭: ନୟାଗଡ଼ ବ୍ଲକ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ସତ୍ୟନାରାୟଣ ଭୋଇ, ଉପସଭାପତି ସୁଶୀଳା ନାୟକ, ସମ୍ପାଦକ ଲୋଚନ ମାର୍ଥା, କୋଷାଧ୍ୟକ୍ଷ ଗୋଲଖି ବିହାର ମାଝି, ସହସମ୍ପାଦକ ପ୍ରସନ୍ନ ସେଠୀ ନିର୍ବାଚିତ ହୋଇଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଖାଉଟି ସମାଗ୍ରୀ ବଣ୍ଟନ ଦାୟିତ୍ୱ ହସ୍ତାନ୍ତର କରିବା, ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀଙ୍କ ବ୍ୟାଙ୍କ ସଞ୍ଚୟ ଖାତାକୁ ସିଧାସଳଖ ପ୍ରଦାନ ଦାବି ରହିଛି। ଏହି ଦାବି ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଇବାକୁ ଜିଲା ସଭାପତି ପ୍ରକାଶ କୁମାର ଦାଶ କହିଥିଲେ। ବୈଠକରେ ରାଜ୍ୟ ଉପସଭାପତି ଗଗନ ବିହାରୀ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।

### ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୩୧।୭: ସରକାରୀ ରେଳବାଇ ପୋଲିସ (ଜିଆରପି) ଥାନା ଅନ୍ତର୍ଗତ ରାମନଗର ଲେବଲ୍ କ୍ରସିଂ ନିକଟରେ ଜଣେ ଯୁବକ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ଜିଆରପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ନମ୍ବର ୪୩/୨୧ରେ ଏକ ମାମଲା ରୁଜୁ ହୋଇଛି। ମୃତ ଯୁବକଙ୍କ ନାମ ଗଣେଶ ସାହୁ (୩୨)। ତାଙ୍କର ଘର ଛତିଶଗଡ଼ ଭିଲାଇ ନିକଟ ଦୁର୍ଗ ଅଞ୍ଚଳରେ ହୋଇଥିବା ବେଳେ ପୋଲିସ ପରିବାରବର୍ଗଙ୍କ ସହିତ ଯୋଗାଯୋଗ ଆରମ୍ଭ କରିଛି। ଯୁବକ ଜଣକ ଶନିବାର ସନ୍ଧ୍ୟା ପ୍ରାୟ ୬ ଟା ବେଳେ ପୁରୀ-ଗାନ୍ଧୀଧାମ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି।

# ଆଦର୍ଶ ବିଦ୍ୟାଳୟର ୨ ଶିକ୍ଷକ ନିଲମ୍ବିତ

**ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କୁ ଅଟକ ଘଟଣା**

ନୟାଗଡ ଅଫିସ,୩୧।୭



ଛାତ୍ରୀଛାତ୍ରମାନେ ଶିକ୍ଷକଙ୍କ ନିଯୁକ୍ତି ଦାବିରେ ବିକ୍ଷୋଭ।

ନୟାଗଡ଼ ବ୍ଲକ ନୋତରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଙ୍ଗୀତ ଶିକ୍ଷକ କୁରେଶ ଚନ୍ଦ୍ର ସାହୁ ଓ କଳା ଶିକ୍ଷକ ଅରୁଣ କୁମାର ବେହେରା ଶନିବାର ନିଲମ୍ବିତ ହୋଇଛନ୍ତି। ବିଦ୍ୟାଳୟରେ ବିଶୃଙ୍ଖଳା ସୃଷ୍ଟି କରିଥିବା ଅଭିଯୋଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଏହି ନିଲମ୍ବନ କରିଛନ୍ତି। ନିଲମ୍ବିତ ଦୁଇ ଶିକ୍ଷକ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ରହିଛି।

ସୂଚନାଯୋଗ୍ୟ, ବିଦ୍ୟାଳୟରେ କରୋନା କଟକଣା ନିୟମକୁ ଅଣଦେଖା କରାଯାଇଥିବା ଅଭିଯୋଗ ଆଣି ୫ରୁ ଊର୍ଦ୍ଧ୍ୱ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ପ୍ରାୟ ୧ ଘଣ୍ଟା ବାହାରେ ଅଟକ ରଖିଥିଲେ। ଏପରିକି ଘଟଣାର ତଦନ୍ତ କରିବାକୁ ଯାଇଥିବା ଆଦର୍ଶ ବିଦ୍ୟାଳୟର ତଦାରଖ ଅଧିକାରୀ ତଥା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ଓ ଜିଲା ବିଜ୍ଞାନ ନିରୀକ୍ଷକ ଶରତ କୁମାର ସାହୁଙ୍କୁ ଠେଲାପେଲା ଓ ମାରପିଟ୍ କରିଥିଲେ। ଶାନ୍ତି ପ୍ରତିଷ୍ଠା କରିବାକୁ ଯାଇଥିବା ଇଟାମାଟି ଥାନା ପୋଲିସକୁ ଦୁର୍ବ୍ୟବହାର କରିଥିଲେ। ଏଭଳି ଏକ ଅଭାବନୀୟ ଘଟଣାକୁ ନେଇ ନୟାଗଡ଼ ଆଦର୍ଶ ବିଦ୍ୟାଳୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ଶାନ୍ତ ପଡିଥିଲା। ବୁଧବାରର ଘଟଣା ସମ୍ପର୍କରେ ସ୍କୁଲ ଅଧକ୍ଷା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ, ନୟାଗଡ଼ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲେ। ଜିଲା ଶିକ୍ଷା ଅଧିକାରୀ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦେଇଥିଲେ। ଜିଲାପାଳ ଘଟଣା ସମ୍ପର୍କରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନଙ୍କୁ ଅବଗତ କରାଇଥିଲେ। ଏହାପରେ ୨ଜଣଙ୍କୁ ନିଲମ୍ବନ କରାଯାଇଛି। ଅନ୍ୟ ୩ଜଣ ବର୍ତ୍ତି ଯାଇଛନ୍ତି।

**ଛାତ୍ରୀଛାତ୍ରଙ୍କ ବିକ୍ଷୋଭ**

ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେବା ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନୋତରଠାରେ ଛାତ୍ରୀଛାତ୍ର ଶନିବାର ବିକ୍ଷୋଭ କରିଥିଲେ। ଫାଟକ ସମ୍ମୁଖରେ କେତେଜଣ ଛାତ୍ରୀଛାତ୍ର ଅଟକି ରହି ବିଦ୍ୟାଳୟକୁ ଯାଇ ନ ଥିଲେ। କେତେଜଣ ଗଣମାଧ୍ୟମର ପ୍ରତିନିଧିଙ୍କୁ ଡକାଇ ଶିକ୍ଷକମାନେ ନିର୍ଦ୍ଦୋଷ ବୋଲି ଛାତ୍ରୀଛାତ୍ର କହିଥିଲେ। ଏଭଳିସ୍ଥଳେ ଛାତ୍ରୀଛାତ୍ର ଫାଟକ ନିକଟରେ ଅଟକ ରହିଥିବା ଖବର ପାଇ ଜିଲା ପ୍ରଶାସନ ପକ୍ଷରୁ ସତ୍ୟାସତ୍ୟ ଜାଣିବାକୁ ପୋଲିସ ପଠା ଯାଇଥିଲା। ତେବେ ପୋଲିସ ଯିବା ପୂର୍ବରୁ ଆନ୍ଦୋଳନ ହଟି ଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଆନ୍ଦୋଳନ କରିବାକୁ ୫ ଶିକ୍ଷକ ପ୍ରବର୍ତ୍ତାଇ ଥିବା ଜଣାପଡିଛି।

## କରୋନା ସଚେତନତାରେ ସାମିଲ ହେଲେ ପ୍ରଜାପିତା ବ୍ରହ୍ମାକୁମାରୀ

ଓଡ଼ଗାଁ, ୩୧।୭ (ସ୍ୱ.ପ୍ର.)

କରୋନା କଟକଣା ଦିନକୁଦିନ କୋହଳ ହେଉଥିବା ବେଳେ ରାଜ୍ୟ ସରକାର ଲୋକଙ୍କ ଜୀବନ ଓ ଜୀବିକା ପ୍ରତି ବିଶେଷ ଭାବେ ଧ୍ୟାନ ଦେଉଛନ୍ତି। ଏପରିସ୍ଥଳେ ଲୋକଙ୍କ ମଧ୍ୟରେ କୋଭିଡ ସଚେତନତାର ଆବଶ୍ୟକତା ରହିଛି। ଲୋକେ ଚାହିଁଲେ କରୋନା ହଟିବ ବା ପଛଘୁଞ୍ଚା ଦେବ। ଏଭଳି ଏକ ବାର୍ତ୍ତା ନେଇ ଓଡ଼ଗାଁ ବ୍ଲକ ରୋହିବାଙ୍କ ପଞ୍ଚାୟତର ବାଘୁଆ ଗେଟ ଛକ ଗାଁ କଲ୍ୟାଣ ସମିତି ଓ ପ୍ରଜାପିତା ବ୍ରହ୍ମକୁମାରୀ ଘରକୁ ଘର ବୁଲି ଲୋକଙ୍କୁ ମାସ୍କ ଓ ସାବୁନ ପ୍ରଦାନ କରିଛନ୍ତି। ଏହାକୁ ସମିତି ସଭ୍ୟ ଦିଲେଶ୍ୱର ପାତ୍ର, ବ୍ରହ୍ମାକୁମାରୀ ଶାନ୍ତି ଭଉଣୀ ଓ ବରିଷ୍ଠ ନାଗରିକ ବିରଞ୍ଚି ନାରାୟଣ ପାତ୍ର ପତାକା ଦେଖାଇ ଆରମ୍ଭ କରିଥିଲେ। ସମସ୍ତେ ଘରୁ ବାହାରକୁ ବାହାରିଲେ ମାସ୍କ ପିନ୍ଧିବା ଜରୁରୀ, ସାନିଟାଇଜାର ବ୍ୟବହାର କରନ୍ତୁ, ସାବୁନରେ ହାତର ଧୁଅନ୍ତୁ ଓ ସାମାଜିକ ଦୂରତା ରକ୍ଷା କରିବା ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ଗାଁ ଯୁବକ ସଂଘ ସଦସ୍ୟ, ଆଶା କର୍ମୀ ସବିତା ନାୟକ, ବ୍ରହ୍ମାକୁମାରୀ ପୁଷ୍ପଲତା ଗୌଡ, ଗୀତା ଭଉଣୀ ସହାୟତା କରିଥିଲେ। ଗାଁ କଲ୍ୟାଣ ସଭାନେତ୍ରୀ ଗିତାଞ୍ଜଳି ପାତ୍ରଙ୍କ ସହ ସହାୟିକା ଜୟନ୍ତୀ ଡାକୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରୀଅରବିନ୍ଦଙ୍କ ଉପରେ ପ୍ରତି ଗାଁରେ ହେବ ପାଠଚକ୍ର

ଦଶପଲ୍ଲା, ୩୧।୭ (ଡି.ଏନ.ଏ.)

ଦଶପଲ୍ଲାର ଅବସରପ୍ରାପ୍ତ ଡିଆଇଜି ଗୋଲକ ବିହାରୀ ମହାନ୍ତିଙ୍କ ବାସଭବନରେ ଶନିବାର ଅନୁଷ୍ଠିତ ବୈଠକରେ ଶ୍ରୀଅରବିନ୍ଦଙ୍କ ଯୋଗ ଉପରେ ଆଲୋଚନା କରାଯାଇଥିଲା। ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଦ୍ୱାରା ହିଁ ଏ ସମାଜକୁ ଅତିମାନସ ସମାଜରେ ପରିବର୍ତ୍ତନ କରାଯାଇ ପାରେ ବୋଲି ବକ୍ତାମାନେ ମତ ରଖିଥିଲେ। ଏହାକୁ ଏକ ଆଧ୍ୟାତ୍ମିକ ଆନ୍ଦୋଳନ ରୂପରେ ଆଗକୁ ନେବାକୁ ହେବ। ଆଗାମୀ ଦିନରେ ଯେପରି ପ୍ରତି ଗାଁରେ ଗୋଟିଏ ପାଠଚକ୍ର କାର୍ଯ୍ୟକ୍ଷମ ହେବ ସେଥିପାଇଁ ଆମକୁ କାର୍ଯ୍ୟ କରିବାକୁ ପଡିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବ୍ଲକ ଆବାହକ ପୁରୁଷୋତ୍ତମ ଡାକୁଆଙ୍କ ଦ୍ୱାରା ଆୟୋଜିତ ବୈଠକରେ ପାଠଚକ୍ର ଆବାହକ ସୁନୀଲ କୁମାର ପୃଷ୍ଟି, ପୁଷ୍ପାଞ୍ଜଳି ସାହୁ, ଜିଲା ଆବାହକ ସନାତନ ଲେଙ୍କା, ପ୍ରଶାନ୍ତ କୁମାର ସାହୁ, ଏନ୍ଏସିର ପୂର୍ବତନ ଅଧ୍ୟକ୍ଷା ବବିତା ସାହୁ, ଅଧ୍ୟାପକ ଗିରିଶ କୁମାର ରଣା, ରଶ୍ମିରଞ୍ଜନ ପଟ୍ଟନାୟକ, ସବିତା ରାଣୀ ଭୂୟାଁ, ଭଗବାନ ଦେହୁରୀ, ସୁଜାତା ଭୂୟାଁ, ବଳଭଦ୍ର କର, ଲକ୍ଷ୍ମୀପ୍ରିୟା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଶ୍ରୀଅରବିନ୍ଦଙ୍କ ଯୋଗ ଉପରେ ଆଲୋଚନାରେ ଉପସ୍ଥିତ ମହିଳା, ଯୁବତୀ ଓ ଅନ୍ୟମାନେ।

# ସ୍ୱାର୍ଥପରତା ବନ୍ଧୁତ୍ୱର ସଂଜ୍ଞା ବଦଳାଇ ଦେଇଛି

**ବିଶ୍ୱ ବନ୍ଧୁତା ଦିବସ**

ଖଣ୍ଡପଡ଼ା,୩୧।୭ (ସ୍ୱ.ପ୍ର.)

ଦାର୍ଶନିକ ଆରିଷ୍ଟଟଲଙ୍କ ମତରେ ମଣିଷ ଏକ ସାମାଜିକ ପ୍ରାଣୀ। ସମାଜ ଶବ୍ଦଟି ବନ୍ଧୁତ୍ୱ ଉପରେ ଆଧାରିତ। ମଣିଷ ନିକଟରେ ବନ୍ଧୁତ୍ୱ ଏକ ଐଶ୍ୱରୀୟ ଉପାଦାନ, ଯାହା କି ଶାନ୍ତିପୂର୍ଣ୍ଣ ଜୀବନଯାପନ ଓ ମାନବ ସମାଜକୁ ଆଗକୁ ବଢ଼ାଇବାରେ ଶକ୍ତ ସକାରାତ୍ମକ କ୍ରିୟାଶୀଳ ମାର୍ଗ ଦର୍ଶନ। ଏଠି ବିଶ୍ୱାସରେ ସବୁ କିଛି ଚାଲେ। ବିଶ୍ୱାସ ନାମକ ଶବ୍ଦ ମୂଳରେ ବନ୍ଧୁତା ତିଷ୍ଠି ରୁହେ। ମାତ୍ର ବିଶ୍ୱାସରେ ସଙ୍କଟ ଯୋଗୁ ଆଜି ସର୍ବ ପୁରାତନ ମାନବିକ ସମ୍ପର୍କ 'ବନ୍ଧୁତା' ଦୁର୍ବଳ ପ୍ରାୟ। ମଣିଷ ପାଖରେ ପ୍ରାଚୁର୍ଯ୍ୟ, ଐଶ୍ୱର୍ଯ୍ୟ ଅଛି ଅଥଚ ଦୁଃଖ କହିବା ପାଇଁ ଦରଦୀ ବନ୍ଧୁଟିଏ ନାହିଁ। ଜୀବନରେ ବନ୍ଧୁର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମାତ୍ର ସ୍ୱାର୍ଥପରତା ଯୋଗୁ ବନ୍ଧୁତ୍ୱର ସଂଜ୍ଞା ସାମ୍ପ୍ରତିକ ସମାଜରେ ବଦଳି ଯାଇଛି। ରାଜନୈତିକ ବିଭେଦ, ବ୍ୟକ୍ତିଗତ ସ୍ୱାର୍ଥ ଯୋଗୁ ବନ୍ଧୁ ବନ୍ଧୁର ଚିର ଶତ୍ରୁ ପାଲଟି ଯାଉଛି।

### ବନ୍ଧୁତାକୁ ଦୁରୁପଯୋଗ କଲେ ସାଂଘାତିକ



ବନ୍ଧୁତା ଏକ ବହୁତ ଭଲ ଅଭ୍ୟାସ। କିନ୍ତୁ ବନ୍ଧୁତାକୁ ଦୁରୁପଯୋଗ କଲେ ସାଂଘାତିକ ପରିସ୍ଥିତି ସୃଷ୍ଟି ହୁଏ। ଆଜିକାଲି କିଏ ଓ କେଉଁ ପ୍ରକାରର ବନ୍ଧୁ ଜାଣିବା ବଡ ମୁସକିଲ ହୋଇ ପଡିଲାଣି।

–ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ, ପୂର୍ବତନ ଉପବାଚସ୍ପତି, ଓଡ଼ିଶା

### ବନ୍ଧୁତାର ସମ୍ପର୍କ ପରିବାରଠୁ ବି ଅଧିକ

ବନ୍ଧୁତାର ସମ୍ପର୍କ ପରିବାରଠୁ ବି ଅଧିକ ମହତ୍ତ୍ୱପୂର୍ଣ୍ଣ। ଯେହେତୁ ଆମେ ନିଜେ ଏ ସମ୍ପର୍କକୁ ବାଛିଥାଉ। ଯିଏ ଆମ ପାଖରେ ସୁଖ ଓ ଦୁଃଖରେ ସାଥିରେ ଥାଏ, ସେ ହେଉଛି ଆମର ପ୍ରକୃତ ବନ୍ଧୁ। ବୟସ ବଢ଼ିବା ସହ ବନ୍ଧୁତାର ସମ୍ପର୍କ ଆହୁରି ଗଭୀର ଓ ନିବିଡ଼ ହୋଇଥାଏ। ଶହେଟି ଦେଶର ପ୍ରାୟ ୨ଲକ୍ଷ ୭୦ ହଜାର ଲୋକଙ୍କ ଉପରେ ଗବେଷଣା ଆକଳନରୁ ଜଣାପଡିଛି ଯେ, ଗୋଟିଏ ସଫଳ, ସୁଖୀ ଜୀବନ ପାଇଁ ପରିବାର ଓ ବନ୍ଧୁ ଉଭୟ ବହୁତ ଜରୁରୀ। ମୋ ପାଇଁ ବନ୍ଧୁତାମାନେ ଭରସା ଓ ଭଲ ପାଇବା।



–ଇଶାଶ୍ରୀ ସାହୁ, ଛାତ୍ରୀ, ରାୟନ ଇଣ୍ଟରନ୍ୟାଶନାଲ ସ୍କୁଲ

### ବିଶ୍ୱାସ ହେଉଛି ବନ୍ଧୁତାର ଭିତ୍ତି



'ବନ୍ଧୁ' ଏକ ମମତାଭରା ଶବ୍ଦ; ଯାହାର ଅନ୍ତରାଳରେ ଭରି ରହିଛି ସୁଖଦୁଃଖ ଜୀବନର ଅନେକ ରହସ୍ୟ। ସବୁ ସମ୍ପର୍କର ଊର୍ଦ୍ଧ୍ୱରେ ବନ୍ଧୁତା। ବିଶ୍ୱାସ ହେଉଛି ବନ୍ଧୁତାର ଭିତ୍ତି। ନିର୍ମଳ ବନ୍ଧୁଟିଏ ଏବେ ଖୁବ୍ ବିରଳ। ସେଇଥିପାଇଁ ଆଧୁନିକ ମଣିଷ ଆଜି ଅଣନିଃଶ୍ୱାସୀ। କାରଣ, ବନ୍ଧୁହୀନ ଜୀବନ ନର୍କ ସମାନ। ଏବେ ବି ପ୍ରକୃତ ବନ୍ଧୁତା ବଞ୍ଚିଛି। ମାତ୍ର କେତେଜଣ ମତଲବ ରଖି ବନ୍ଧୁତା ସୃଷ୍ଟି କରି ବନ୍ଧୁଙ୍କୁ ଶୋଷଣ କରୁଥିବାରୁ ଏହା କଳଙ୍କିତ ହେଉଛି।

–ରାଜକିଶୋର ସାହୁ, ଅବସରପ୍ରାପ୍ତ ସବ୍‌ମେଜର, ଆର୍ମି ମେଡିକାଲକୋର

### ବିଶ୍ୱାସରେ ସଙ୍କଟ ଯୋଗୁ ବନ୍ଧୁତା ଦୁର୍ବଳ



ପରିବାର ପରେ ସର୍ବ ପୁରାତନ ମାନବିକ ସମ୍ପର୍କ ହେଉଛି ବନ୍ଧୁତା। ବିଶ୍ୱାସରେ ସଙ୍କଟ ଯୋଗୁ ବନ୍ଧୁତା ଦୁର୍ବଳ ହୋଇପଡିଛି। କେବଳ ଯେ, ମାନବର ବନ୍ଧୁଥାଏ, ତାହା ନୁହେଁ। ପଶୁ, ପକ୍ଷୀ, କୀଟପତଙ୍ଗ ଏପରି କି ବୃକ୍ଷଲତାମାନେ ମଧ୍ୟ ବନ୍ଧୁ ବିହୀନ ହୋଇ ଚଳି ପାରନ୍ତି ନାହିଁ। ସେଥିପାଇଁ ଗଛଟିଏ ବନ୍ଧୁ ହୋଇ ଲତାର ଭାରକୁ ସାରା ଜୀବନ ବୋହିନିଏ। ପଶୁ ପକ୍ଷୀମାନେ ନିଜର ବନ୍ଧୁମାନଙ୍କୁ ସାଙ୍ଗରେ ଧରି ନଦୀ, ନାଳ, ଜଙ୍ଗଲ, ପର୍ବତ ସବୁକିଛି ଲଘିବାର ସାମର୍ଥ୍ୟ ରଖନ୍ତି। ବନ୍ଧୁବିହୀନ ମଣିଷଟିଏ ପାଇବା କଷ୍ଟ। ନିଜର ପ୍ରତ୍ୟେକଟି ଭାବନାକୁ ଯଦି କାହା ପାଖରେ ବିନା ଦ୍ୱିଧାରେ କୁହାଯାଇପାରେ ସେ ହେଲା ବନ୍ଧୁ।

–ସୋନାଲି ସିଓ, ବନାଞ୍ଚଳ ଅଧିକାରିଣୀ, ଗଣିଆ

### ବନ୍ଧୁ ବିନା ବଞ୍ଚି ରହିବା ଅସମ୍ଭବ



ଜୀବନର ମୂଲ୍ୟବାନ ସମ୍ପତ୍ତି ମଧ୍ୟରେ ବନ୍ଧୁତ୍ୱ ଅନ୍ୟତମ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବନ୍ଧୁତା ବିନା ବଞ୍ଚି ରହିବା ଅସମ୍ଭବ। ଉତ୍ଥାନପତନ, ସୁଖଦୁଃଖ, ସୁବିଧାଅସୁବିଧା ସବୁଠି ଏହାର ସହଜ ସମାଧାନ ଯାହା ଜରିଆରେ ସମ୍ଭବ ତାହା ହିଁ ବନ୍ଧୁତା। ଏଣୁ ଏହାର ଗୁରୁତ୍ୱକୁ ଉପଲବ୍ଧ କରିବା ସହ ଏହାର ଉପଯୋଗିତାକୁ ବାଣ୍ଟିଲେ ବିଶ୍ୱ ବନ୍ଧୁତ୍ୱ ଦିବସ ଗରିମାମୟ ହେବ। ଜୀବନକୁ ଠିକ୍ ଢଙ୍ଗରେ ଜିଇବା ପାଇଁ ବନ୍ଧୁତ୍ୱର ନିବିଡତାକୁ ହୃଦୟଙ୍ଗମ କରାଯିବା ଜରୁରୀ।

–ଡ. ଅଜିତ କୁମାର ବସନ୍ତରାୟ, ଅଧ୍ୟାପକ, ମହିଳା ମହାବିଦ୍ୟାଳୟ ଖଣ୍ଡପଡ଼ା

### ଆଧୁନିକତାର ସ୍ପର୍ଶରେ ବନ୍ଧୁତ୍ୱର ସଂଜ୍ଞା ମଳିନ



ଜନ୍ମ ପୂର୍ବରୁ ଈଶ୍ୱର ସବୁ ସମ୍ପର୍କ ଗଢ଼ି ପଠାଇଥାନ୍ତି। କିନ୍ତୁ ଜନ୍ମ ପରେ ସୃଷ୍ଟି ହୁଏ ୨ଟି ସମ୍ପର୍କ। ପ୍ରଥମଟି ବନ୍ଧୁତା ଓ ଦ୍ୱିତୀୟଟି ହେଲା ଶତ୍ରୁତା। ମହାଭାରତରେ କର୍ଣ୍ଣ ଦୁର୍ଯ୍ୟୋଧନଙ୍କ ନିକଟରେ ବନ୍ଧୁତ୍ୱର ଶ୍ରେଷ୍ଠ ନିଦର୍ଶନ ଦେଖାଇଛନ୍ତି। ମାତ୍ର ଆଧୁନିକତାର ସ୍ପର୍ଶରେ ବନ୍ଧୁତ୍ୱର ସଂଜ୍ଞା ମଳିନ ପଡ଼ିଯାଇଛି। ସ୍ୱାର୍ଥପର ବନ୍ଧୁ ଦୁଃଖ ସମୟର ସହଚର ହୋଇପାରୁନାହିଁ। ଏବେ ବି ପ୍ରକୃତ ବନ୍ଧୁ ବଞ୍ଚିଛନ୍ତି। ତେବେ ଆଜିର ଏହି ପବିତ୍ର ଦିବସରେ ଜଣେ ଉତ୍ତମ ବନ୍ଧୁ ବନାଇବାକୁ ଯତ୍ନବାନ ହେବା।

–ଅନୁପମା ସାହୁ, ସେବିକା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଦଶପଲ୍ଲା